# NEWS CLIPPINGS

## ସିଭି ରମଣରେ 'ମାମି-୨୦୧୫'ଉଦ୍‌ଯାପିତ




ଭୁବନେଶ୍ୱର,୨୧।୧୨(ନି.ପ୍ର)- ସିଭି ରମଣ ଇଞ୍ଜିନିୟରି କଲେଜର ଇଲେକ୍ଟ୍ରୋନିକ୍ସ ଟେଲି କମ୍ୟୁନିକେସନ ବିଭାଗ ଏବଂ ଆଇ ଟ୍ରିପଲ ଇ କଲିକାତା ଶାଖାର ମିଳିତ ଉଦ୍ୟମରେ ୩ ଦିନ ଧରି ଚାଲିଥିବା ବିଶ୍ୱସ୍ତରୀୟ ସମ୍ମିଳନୀ 'ମାମି-୨୦୧୫' ଉଦ୍‌ଯାପିତ ହୋଇ ଯାଇଛି। ସିଭି ରମଣ କଲେଜ ପରିସରରେ ଚାଲିଥିବା ଏହି ସମ୍ମିଳନୀ 'ମ୍ୟାନ୍ ଆଣ୍ଡ୍ ମେସିନ୍'(ମଣିଷ ଏବଂ ଯାନ୍ତ୍ରିକ ସହ ସମ୍ବନ୍ଧ) ଏହି ସମ୍ମିଳନୀର ମୁଖ୍ୟ ଶୀର୍ଷକ ଥିଲା।

ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଅନେକ ଯନ୍ତ୍ରୀ, ଗବେଷକ, ବୈଜ୍ଞାନିକ, ଶିଳ୍ପବିତ୍ ଓ ଛାତ୍ରଛାତ୍ରୀଙ୍କ ଗହଣରେ ନାଲ୍‌କୋ ଶିଳ୍ପାନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ସିଏମ୍‌ଡ଼ି) ଟି.କେ ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ସଫଳ ହେବାପାଇଁ ନିଜର ବ୍ୟବହାର କୁଶଳତା ଓ ଦକ୍ଷ ବୁଦ୍ଧି ସହ ଜ୍ଞାନ ଆହରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ସିଭି ରମଣ କଲେଜର ଅଧ୍ୟକ୍ଷ ସଂଜୀବ କୁମାର ରାଉତ ସମସ୍ତ ସହଯୋଗୀ ଏବଂ ଅତିଥିଙ୍କୁ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଚାନ୍ଦ ଶିକ୍ଷା ପରିସର ବୁଲି ଦେଖିବା ସହ ଅତ୍ୟାଧୁନିକ ବୈଷୟିକ ଜ୍ଞାନର ପ୍ରଶଂସା କରିଥିଲେ।

The Samaja
22.12.2015